भाकृअनुप - केंद्रीय चावल अनुसंधान संस्थान
**ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**
(An ISO 9001: 2015 Certified Institute)

## ୨୦୨୬ ମସିହା ଫେବୃୟାରୀ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା

### ୧) ଡାଲୁଅ ରୁଆ ଧାନ

### ତଳିଘରା ପାଇଁ

- ❖ ଧାନରେ ଉକୁଣିଆ ପୋକ ନିୟନ୍ତ୍ରଣ ପାଇଁ ୧ କି.ଗ୍ରା. ବିହନରେ ଥାୟାମିଥୋକ୍ସାମ୍ ୭୦% ଡବ୍ଲୁ.ଏସ୍ ୧.୫ ମି.ଲି. ଦେଇ ବିହନ ବିଶୋଧନ କରନ୍ତୁ, ତଥାପି ଯଦି ଉକୁଣିଆ ପୋକ ଦେଖାଯାଏ, ତେବେ ଏକର ପ୍ରତି ନିମ୍ବ ମଞ୍ଜିରୁ ତିଆରି ଔଷଧ ଆଜାଡିରାକ୍ଟିନ୍ ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ଧାନ ତଳିରେ ତଳିପୋଡା ରୋଗ ଦେଖାଗଲେ ଏକର ପ୍ରତି କାର୍ବେଣ୍ଡାଜିମ୍ ୪୦୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

### ମୁଖ୍ୟ ଜମିରେ ତଳି ରୁଆ ବାକିଥିଲେ

- ❖ ରୁଆ ବାକିଥିବା ଡାଲୁଅ ଜମିରେ ରୋପଣ କାର୍ଯ୍ୟ ଶେଷ କରିଦିଅନ୍ତୁ । ଧାନ ତଳିକୁ ବୁଦା ପ୍ରତି ୩ ରୁ ୪ ଟି ହିସାବରେ ୧୫ X ୧୫ ସେ.ମି. ବ୍ୟବଧାନରେ ୩ ରୁ ୫ ସପ୍ତାହ ତଳିକୁ ସିଧାଭାବରେ ଓ ଅଳ୍ପ ଗଭୀରରେ ରୋଇବା ଉଚିତ୍ ।
- ❖ ଯଦି ମହିଷାରୋଗ ଦେଖାଯାଏ ତେବେ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% + ଟେବୁକୋନାଜୋଲ ୫୦% ୮୦ ଗ୍ରାମ୍ କିମ୍ବା ଏଡିଫେନ୍‌ଫସ୍ ୫୦ ଇ.ସି. ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।
- ❖ (ଡି.ଏ.ପି. ୪୪ କି.ଗ୍ରା. + ଏମ.ଓ.ପି. ୨୨ କି.ଗ୍ରା.) କିମ୍ବା (ୟୁରିଆ ୨୨ କି.ଗ୍ରା.+ଏସ୍.ଏସ୍.ପି. ୧୨୫ କି.ଗ୍ରା. + ଏମ୍.ଓ.ପି. ୨୨ କି.ଗ୍ରା.) ଶେଷଥର କାଦୁଅ କରିବା ସମୟରେ ମୂଳସାର ଭାବେ ବ୍ୟବହାର କରନ୍ତୁ ।

### ଏବେ ଏବେ ମୁଖ୍ୟ ଜମିରେ ତଳିରୁଆ ଯାଇଥିଲେ

- ❖ ରୁଆ ଧାନରେ ବାଳୁଙ୍ଗା ଦମନ ପାଇଁ ବେନ୍‌ସଲଫ୍ୟୁରାନ ମିଥାଇଲ୍ ସହିତ ପ୍ରେଟିଲାକ୍ଲୋର (ଲୋଣ୍ଡାକ୍ସ ପାଓ୍ୱାର / ଇରେଜ୍‌ଷ୍ଟ୍ରଙ୍ଗ୍) ପ୍ରତି ଏକର ପିଛା ୪ କି.ଗ୍ରା. ହିସାବରେ ରୋଇବାର ୫-୮ ଦିନ ପରେ ପ୍ରୟୋଗ କରନ୍ତୁ । ଏହା ଦାନାଦାର ହୋଇଥିବାରୁ ଏହାସହିତ ପ୍ରତି ଏକର ପିଛା ୪ କି.ଗ୍ରା. ବାଲି ମିଶାଇ ବିଲରେ ସମାନ କରି ପ୍ରୟୋଗ କରନ୍ତୁ କିମ୍ବା ଧାନ ରୋଇବାର ୩ ରୁ ୫ ଦିନ ପରେ ପାଇରାଜୋସଲଫ୍ୟୁରାନ୍-ଇଥାଇଲ ୧୦ ଡବ୍ଲ୍ୟୁ.ପି. (ସାଥି) ଏକର ପିଛା ୮୦ ଗ୍ରାମ୍ ପ୍ରୟୋଗ କରନ୍ତୁ ନତୁବା ବିସ୍‌ପାଇରିବାକ୍

ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ମି.ଲି. ୧୪୦ ଲିଟର ପାଣିରେ ମିଶାଇ ଧାନ ରୋଇବାର ୧୦ ରୁ ୧୫ ଦିନ ପରେ ଅର୍ଥାତ୍ ଘାସ ୨ ରୁ ୩ ପତ୍ର ହୋଇଥିବା ଅବସ୍ଥାରେ ସିଂଚନ କରନ୍ତୁ ।

- କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ କରିବା ପାଇଁ ଏକ ଏକର ତଳିଘରା ପିଛା ୪-୫ ଟି ଫେରୋମୋନ୍ ଯନ୍ତା /ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପୋକ ଗୋଟିଏ ଦିନରେ ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ପ୍ରୟୋଗ କରନ୍ତୁ କିମ୍ବା ୨୦,୦୦୦ ଅଣ୍ଡା ଥିବା ୩ଟି ଟ୍ରାଇକୋଗାମା ଜାପୋନିକ୍ କାର୍ଡ ୭ ରୁ ୧୦ ଦିନ ଅନ୍ତରାଳରେ ପ୍ରୟୋଗ କରନ୍ତୁ ।

**ମୂଖ୍ୟ ଜମିରେ ତଳି ଚେର ଧରି ମଜବୁତ ହୋଇ ସାରିଥିଲେ**

❖ ସକ୍ରିୟ ପିଲ ଅବସ୍ଥାରେ (ତଳିରୁଆର ୨୦ ରୁ ୨୫ ଦିନ ପରେ) ଏକର ପ୍ରତି ୩୫କି.ଗ୍ରା. ୟୁରିଆ ପ୍ରଥମ ଶୀର୍ଷସାର ଭାବରେ ପ୍ରୟୋଗ କରନ୍ତୁ ।

❖ ଚାଷୀ ଯଦି ପୂର୍ବରୁ କୌଣସି ଘାସ ନିୟନ୍ତ୍ରଣ ଔଷଧ ବ୍ୟବହାର କରି ନାହାନ୍ତି ତେବେ ପେନୋସ୍କୁଲମ୍ ୧.୦୨% + ସାଇହାଲୋଫୋପ୍-ବ୍ୟୁଟାଇଲ୍ ୫.୧%( ଭିଭାୟା) ୮୦୦ ମି.ଲି. ପ୍ରତି ଏକର ହିସାବରେ ୧୫ ରୁ ୨୦ ଦିନ ପରେ ସିଂଚନ କରନ୍ତୁ କିମ୍ବା ୨୦ ରୁ ୨୫ ଦିନ ପରେ ହାତରେ ଘାସବାଛି ଦିଅନ୍ତୁ ।

❖ କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ କରିବା ପାଇଁ ଏକ ଏକର ତଳିଘରା ପିଛା ୪-୫ ଟି ଫେରୋମୋନ୍ ଯନ୍ତା /ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପୋକ ଗୋଟିଏ ଦିନରେ ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ପ୍ରୟୋଗ କରନ୍ତୁ କିମ୍ବା ୨୦,୦୦୦ ଅଣ୍ଡା ଥିବା ୩ଟି ଟ୍ରାଇକୋଗାମା ଜାପୋନିକ୍ କାର୍ଡ ୭ ରୁ ୧୦ ଦିନ ଅନ୍ତରାଳରେ ପ୍ରୟୋଗ କରନ୍ତୁ ।

**୨. କାଦୁଅ ବୁଣା ଡାଲୁଅ ଧାନ**

❖ ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୫ ରୁ ୧୦ ଦିନ ପରେ ବେନ୍ସଲଫ୍ୟୁରାନ୍-ମିଥାଇଲ୍ ସହିତ ପ୍ରେଟିଲାକ୍ଲୋର (ଲୋଣ୍ଡାକ୍ସ ପାୱାର/ଇରେଜଷ୍ଟ୍ରଙ୍ଗ) ଦାନାଦାର ଏକରକୁ ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ଧାନ ବୁଣିବାର ୧୦ ରୁ ୧୨ ଦିନ ପରେ ଅର୍ଥାତ୍ ୨ ରୁ ୩ ପତ୍ରବିଶିଷ୍ଟ ଘାସ ନିୟନ୍ତ୍ରଣ କରିବା ପାଇଁ ବିସ୍ପାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ମି.ଲି. କିମ୍ବା ଧାନ ବୁଣିବାର ୧୫ ରୁ ୨୦ ଦିନ ପରେ ଏକର ପ୍ରତି ୮୦୦ ମି.ଲି. ପେନୋକ୍ସୁଲମ୍ ୧.୦୨%+ ସାଇହାଲୋଫପ୍ – ବ୍ୟୁଟାଇଲ ୫.୧% ୧୪୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

❖ ଧାନ ବୁଣାର ୨୦ ରୁ ୨୫ ଦିନ ପରେ ପିଲ ବାହାରିବା ସମୟରେ ଶୀର୍ଷସାର ହିସାବରେଏକର ପ୍ରତି ୨୪ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ ।

❖ କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ କରିବା ପାଇଁ ଏକ ଏକର

ତଳିଘରା ପିଛା ୪-୫ ଟି ଫେରୋମୋନ୍ ଯନ୍ତ୍ରା /ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପୋକ ଗୋଟିଏ ଦିନରେ ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ପ୍ରୟୋଗ କରନ୍ତୁ କିମ୍ବା ୨୦,୦୦୦ ଅଣ୍ଡା ଥିବା ୩ଟି ଟ୍ରାଇକୋଗାମା ଜାପୋନିକ୍ କାର୍ଡ ୭ ରୁ ୧୦ ଦିନ ଅନ୍ତରାଳରେ ପ୍ରୟୋଗ କରନ୍ତୁ ।

❖ ଯଦି ମହିଷାରୋଗ ଦେଖାଯାଏ ତେବେ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% + ଟେବୁକୋନାଜୋଲ ୫୦% ୮୦ ଗ୍ରାମ୍ କିମ୍ବା ଏଡିଫେନ୍‌ଫସ୍ ୫୦ ଇ.ସି. ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।

*****